EDUCATIONAL GROUP
*Changing your Tomorrow*

# MORNING PRAYER





CHANGING YOUR TOMORROW

Website: www.odmegroup.org
Email: info@odmps.org

Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

**SESSION :4**

**CLASS :3**

**SUBJECT : ODIA**

**CHAPTER NUMBER: 09**

**CHAPTER NAME : ରମ୍ଭା ନୂଆ ଜାଗା ଦେଖିଲା**

**SUBTOPIC :ଅଭ୍ୟାସ- ସୃଜନାତ୍ମକ ଲିଖନ ଓ ବ୍ୟାକରଣ**

CHANGING YOUR TOMORROW

**ଅଧ୍ୟୟନର ଉଦ୍ଦେଶ୍ୟ –**

ପିଲାମାନଙ୍କର ଶ୍ରବଣ ,କଥନ,ପଠନ, ଲିଖନ  ଶୈଳୀ ର ଅଭିବୃଦ୍ଧି କରାଇବା  |



ODM EDUCATIONAL GROUP
Changing your Tommorrow

# ରମ୍ଭା ନୂଆ ଜାଗା ଦେଖ୍‌ଲା



ପାଠ - ୯

# ରମ୍ଭା ନୂଆ ଜାଗା ଦେଖିଲା




ଝିଅଟିର ନାଁ ରମ୍ଭା । ଆମ୍ରପାଲୀ ଗାଁରେ ମାଉସୀ ବେମାର ଥିଲେ । ରମ୍ଭା ମା' ସହିତ ମାଉସୀଙ୍କୁ ଦେଖିବାକୁ ବାହାରିଲା ।

ରମ୍ଭା : ମା', ଏଇଟି କେଉଁ ବିଦ୍ୟାଳୟ ?


ମା' : ଏହାର ନାମ ଆମ୍ରପାଲୀ ସରକାରୀ ପ୍ରାଥମିକ ବିଦ୍ୟାଳୟ । ଏଠାରେ ମୁଁ ପାଠ ପଢୁଥିଲି ।

ରମ୍ଭା : ମା' ଏହି ବଗିଚାରେ କେଉଁ ସବୁ ଗଛ ଅଛି ?

ମା' : ରମ୍ଭା, ଏଇଟା ଗମ୍ଭାରୀ ଗଛ । ହେଇ ଦେଖ, ସେପଟେ ଚମ୍ପା ପାଖରେ ଆମ୍ବ, ପଣସ ଓ ମନ୍ଦାର ଗଛ ଅଛି ।

ରମ୍ଭା : ଏତେବଡ଼ ବଗିଚାରେ ପାଣି କେଉଁଠୁ ଦେଉଥିବେ ?

ମା' : ଦେଖୁନୁ କେତେବଡ଼ କୂଅ ଅଛି । ବଡ଼ବଡ଼ କୂଅକୁ ବାମ୍ପୀ କୁହାଯାଏ । ପମ୍ପରେ ପାଣି ଉଠାଯାଇ ବଗିଚାରେ ଦିଆଯାଏ ।



ରମ୍ଭା : ମୁଁ ଏଇଠି ଖେଳିବି କି ?

ମା' : ହଁ, ଯାଉନୁ ସେଇ ଖସଡ଼ାରେ ଖସିବୁ ।

ରମ୍ଭା : ମା', ଏହି ବିଦ୍ୟାଳୟରେ କ'ଣ ସବୁ ହୁଏ ?

ମା' : ଏଠାରେ ପାଠ ପଢ଼ାଯାଏ । ଏଠାରେ ପାଠ ପଢ଼ି ପିଲାମାନେ ବହୁତ କଥା ଶିଖନ୍ତି । ସରକାରୀ ବିଦ୍ୟାଳୟରେ ସବୁପିଲାଙ୍କୁ ମାଗଣାରେ ବହି, ପୋଷାକ ଓ ଖାଇବାକୁ ଦିଆଯାଏ । ଧନୀଗରିବ ସଭିଏଁ ପଢ଼ିବାର ସୁଯୋଗ ପାଆନ୍ତି ।

ରମ୍ଭା : ମା', ଏଇଟି କି ଘର ?

ମା' : ଏଇଟା କୁମ୍ଭାରପୁର ଗ୍ରାମପଞ୍ଚାୟତ ଅଫିସ୍ ।

ରମ୍ଭା : ଏ ଅଫିସ୍ କେଉଁ କାମ କରେ ?



ମା’ : ଗ୍ରାମପଞ୍ଚାୟତ ଗ୍ରାମସଡ଼କ ତିଆରି ଓ ମରାମତି କରେ । ଗ୍ରାମପଞ୍ଚାୟତ ପୋଖରୀ ଖୋଳେ ।



ରମ୍ଭା : ମା’, ଏଠାରେ କ’ଣ ହେଉଛି ?

ମା’ : ଜାଣିଲୁ ଝିଅ, ଏଠାରେ ଗୋଟିଏ ସଭା ହେଉଛି । ଗ୍ରାମପଞ୍ଚାୟତର



ମୁଖ୍ୟ ହେଉଛନ୍ତି ସରପଞ୍ଚ । ଗ୍ରାମପଞ୍ଚାୟତ ଗାଁର ଭଲମନ୍ଦ ବୁଝେ । ଗାଁ, ଗାଁ ମଧ୍ୟରେ ହେଉଥିବା କଳିକଜିଆକୁ ସମାଧାନ କରେ ।

ରମ୍ଭା: ଗ୍ରାମପଞ୍ଚାୟତ କେମିତି ଗଠିତ ହୁଏ ?

ମା’: ଗୋଟିଏ ବଡ଼ ଗାଁ ବା କେତୋଟି ଛୋଟଛୋଟ ଗାଁକୁ ନେଇ ଗ୍ରାମପଞ୍ଚାୟତ ଗଢ଼ା ହୋଇଥାଏ ।




ରମ୍ଭା: ଏ ଲୋକଟିକୁ କେଉଁଠିକି ନେଉଛନ୍ତି ମା' ?

ମା : ଡାକ୍ତରଖାନାକୁ ନେଉଛନ୍ତି । ଏଠାରେ ଡାକ୍ତର, ନର୍ସ, କମ୍ପାଉଣ୍ଡର ଓ ଅନ୍ୟମାନେ କାମ କରନ୍ତି ।

ଏଠାରେ ମାଗଣାରେ ରୋଗୀ ପରୀକ୍ଷା କରାଯାଏ । ଔଷଧ ଦିଆଯାଏ । ତୋ ମାଉସୀ ବି ଏବେ ଏଠାରେ ଅଛନ୍ତି ।



ରମ୍ଭା: ମା’, ଏହି ଫଳଗୁଡ଼ିକୁ
କେଉଁଠି ରଖିବି ?

ମା’ : ସେହି ଫଳଗୁଡ଼ିକୁ ଷ୍ଟୁଲ
ଉପରେ ସଜାଡ଼ି ରଖି
ଦେ ।



ODM EDUCATIONAL GROUP

# ଆମ ବିଦ୍ୟାଳୟ



# ଆମ ବିଦ୍ୟାଳୟ



ବିଦ୍ୟାଳୟ ହେଉଛି ଶିକ୍ଷାର ମନ୍ଦିର |
ଆମ ବିଦ୍ୟାଳୟର ନାମ ଓଡ଼ିଏମ୍ ପବ୍ଲିକ୍ ସ୍କୁଲ୍ |
ଏହା ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଭୁବନେଶ୍ୱରର ପଟିଆ ଅଞ୍ଚଳରେ ଅବସ୍ଥିତ |ଆମ ବିଦ୍ୟାଳୟରେ ନର୍ସରୀ ରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ରହିଛି|ଏହା  ଆଗରେ ଗଣେଶଙ୍କର ମନ୍ଦିର ଓ ଚାରିପାଖରେ ପାଚେରୀ ଅଛି |ବିଦ୍ୟାଳୟରେ ଅନେକ ଶ୍ରେଣୀଗୃହ,ପାଠାଗାର, ଅଫିସଗୃହ,ଶୌଚାଳୟ,ଖେଳ ପଡିଆ,ପାର୍କ୍,ସୁଇମିଂପୁଲ୍ ଆଦି ରହିଛି |ଆମ ବିଦ୍ୟାଳୟ ସକାଳ ୮:୧୫ ରେ ଆରମ୍ଭ ହୋଇ ଅପରାହ୍ନ ୪:୧୫ରେ ଶେଷ ହୁଏ | ଏଠାରେ ଅନେକ ଉତ୍ସବ,କ୍ରିଡା ପ୍ରତିଯୋଗିତା ବାର୍ଷିକ ଉତ୍ସବ ଆଦି ପାଳନ କରାଯାଏ |ଆମ ବିଦ୍ୟାଳୟ ଏକ ଆଦର୍ଶ ବିଦ୍ୟାଳୟ |ଆମେ ଆମ ବିଦ୍ୟାଳୟ ପାଇଁ ଗର୍ବ ଅନୁଭବ କରୁ |

ODM EDUCATIONAL GROUP
Changing your Tommorrow

# ବଚନ ବଦଳାଅ ।

ରୋଗୀ---

ଶିକ୍ଷକ---

ଆମ୍ବ---

କଦମ୍ବଫୁଲ---

କମ୍ପାଉଣ୍ଡର---

ମାଠିଆ---

ଡାଳିମ୍ବ---

ପିଲା---



ODM EDUCATIONAL GROUP

# ବଚନ ବଦଳାଅ ।

ରୋଗୀ---ରୋଗୀମାନେ

ଶିକ୍ଷକ--- ଶିକ୍ଷକମାନେ

ଆମ୍ବ---   ଆମ୍ବଗୁଡ଼ିକ

କଦମ୍ବଫୁଲ---କଦମ୍ବଫୁଲଗୁଡ଼ିକ

କମ୍ପାଉଣ୍ଡର---କମ୍ପାଉଣ୍ଡରମାନେ

ମାଠିଆ---  ମାଠିଆଗୁଡ଼ିକ

ଡାଳିମ୍ବ---  ଡାଳିମ୍ବଗୁଡ଼ିକ

ପିଲା---    ପିଲା ମାନେ



ODM EDUCATIONAL GROUP

# ବଚନ ବଦଳାଅ

କୁମ୍ଭାର ---

ଚୁମ୍ବକ ---

ଡାମ୍ପଣ ---

କମ୍ପାସ ---

କମ୍ବଳ ---

ଲୋକ ---

ଚମ୍ପାଫୁଲ ---

ଡାକ୍ତର ---



ODM EDUCATIONAL GROUP

# ବଚନ ବଦଳାଅ

କୁମ୍ଭାର --- କୁମ୍ଭାର ମାନେ

ଚୁମ୍ବକ --- ଚୁମ୍ବକ ଗୁଡିକ

ଡାଙ୍ଗଣ --- ଡାଙ୍ଗଣ ଗୁଡିକ

କମ୍ପାସ --- କମ୍ପାସ ଗୁଡିକ

କମ୍ବଳ --- କମ୍ବଳ ଗୁଡିକ

ଲୋକ --- ଲୋକ ମାନେ

ଚମ୍ପାଫୁଲ --- ଚମ୍ପାଫୁଲ ଗୁଡିକ

ଡାକ୍ତର --- ଡାକ୍ତର ମାନେ



ODM EDUCATIONAL GROUP

# ଗୃହକର୍ମ

## ଶ୍ରେଣୀ ଫର୍ଦ୍ଦଟିକୁ ମନେରଖ |



## ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଓ ଲିଖନ ଶୈଳୀ ର ଅଭିବୃଦ୍ଧି ଘଟିବ |



**THANKING YOU**

**ODM EDUCATIONAL GROUP**